# Tribal Meet 2023
## By
## Kendra Sahitya Akademi & SOA

-Newspaper Coverage-

THE SAKALA

Sakala

### କେନ୍ଦ୍ର ସାହିତ୍ୟ ଏକାଡେମୀ ଓ 'ସୋଆ'ର ମିଳିତ ପ୍ରୟାସ

# ଦୁଇ ଦିନିଆ ଜାତୀୟ ଜନଜାତି ଲେଖକ ସମ୍ମିଳନୀ ୯ରୁ

ଭୁବନେଶ୍ୱର,୭।୮ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଣ୍ଟର ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ କଲଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ)ର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ଜାତୀୟ ଜନଜାତି ଲେଖକ ସମ୍ମିଳନୀ ଆସନ୍ତା ୯ରୁ ଅନୁଷ୍ଠିତ ହେବ। ଏଥିରେ ୪୯ଟି ଜନଜାତି ଭାଷାରେ କାର୍ଯ୍ୟ କରୁଥିବା ପ୍ରାୟ ୭୦ ଜଣ ବିଶିଷ୍ଟ ଲେଖକ, କବି, ଚିତ୍ରକର ଓ କଥାବାଚକ ଯୋଗଦେବେ। 'ପ୍ରାଚୀନ'ର ମୁଖ୍ୟ ତଥା ବିଶିଷ୍ଟ କବି ଡ଼ ଗାୟତ୍ରୀବାଳା ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଡ଼. ପଣ୍ଡା କହିଛନ୍ତି ଯେ 'ଆଜାଦୀ କା ଅମୃତ ମହୋତ୍ସବ' ଓ ଅଗଷ୍ଟ ୯ ତାରିଖ ଅନ୍ତର୍ଜାତୀୟ ବିଶ୍ୱ ମୂଳନିବାସୀ ଦିବସ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଭିନ୍ନ ଭାଷାରେ କବିତାବୃତ୍ତି, କ୍ଷୁଦ୍ର କାହାଣୀ ପଠନ, ଜନଜାତି ଭାଷା ଉପରେ କାର୍ଯ୍ୟ କରୁଥିବା ଯୁବ ଲେଖକମାନଙ୍କର ସମସ୍ୟା ଓ ଭାରତୀୟ ମୂଳ ଭାଷାଗୁଡ଼ିକର ସଂରକ୍ଷଣ ଓ ବିକାଶ କ୍ଷେତ୍ରକୁ ନେଇ ଏହି ସମ୍ମିଳନୀରେ ବିସ୍ତୃତ ଭାବେ ଆଲୋଚନା କରାଯିବ।

ସୂଚନା ଅନୁସାରେ ସୋଆ କ୍ୟାମ୍ପସ୍-୨ସ୍ଥିତ କନ୍‌ଭେନ୍‌ସନ୍ ହଲରେ ଅଗଷ୍ଟ ୯ ତାରିଖରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡ. ଶ୍ରୀନିବାସ ରାଓ, ପଦ୍ମଶ୍ରୀ ହଳଧର ନାଗ, ପ୍ରଫେସର ଡ. ଜଗନ୍ନାଥ ଦାଶ, ସାହିତ୍ୟ ଏକାଡେମୀର ଓଡ଼ିଆ ପରାମର୍ଶଦାତା ବୋର୍ଡ ଆବାହକ ଡ. ଗୌରହରି ଦାସ, ସାହିତ୍ୟ ଏକାଡେମୀ ସାନ୍ତାଳୀ ପରାମର୍ଶଦାତା ବୋର୍ଡ଼ ଆବାହକ ଚୈତନ୍ୟ ପ୍ରସାଦ ମାଝି, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ।

**ଯୋଗଦେବେ ଦେଶର ୭୦ ଜଣ ବିଶିଷ୍ଟ ଲେଖକ, କବି, ଚିତ୍ରକର ଓ କଥାବାଚକ**

ଏହାସହ କ୍ରାଇରି ମୋଗ ଚୌଧୁରୀ (ମୋଗ), ରାଜକିଶୋର ନାଏକ (ବାଥୁଡ଼ି), ଅନିମା ଟିରୀ (ବିରିହିଆ), ବାଇନୁଙ୍ଗ ସେରିଙ୍ଗ ଭୁଟିଆ (ଭୁଟିଆ), ଭାନୁମତୀ ସିଂ (ଭୂମିଜ), କୁସୁମ ଚକ୍‌ମା (ଚକ୍‌ମା), ଧନୁ ମୁଦୁଲୀ (ଗଦବା), ଡ. କୋମପିର ଜିନି (ଗାଲୋ), ଇନ୍ଦୁମତୀ ଜମାଦି (ବଞ୍ଜାରା), ସୁନୀଲ ଗାଂଙ୍ଗୋପାଡ଼ (ଭିଲି), ଦଶରୁ ନାଏକ (ହୋ), ଦମୟନ୍ତୀ ବେସରା (ସାନ୍ତାଳି), ଆଙ୍ଗୋ ସୋସିଆ (ନୋକଟି), ଯୋଗେଶ୍ୱରୀ ଏସ୍ (ହାକିପିକି), ସୁନୀଲ ପେଦାକାପୁ (ଜଳ ପରଜା), ଏଲ୍‌ଭର୍ଥ ଖୋଙ୍ଗ୍ରିମାଇ (ଖାସି), ପ୍ରଦୀପ କହଁର (କୁଇ), ବୈକୁଣ୍ଠ ପ୍ରଧାନ (କିଶାନ), ପିନ୍ଦ୍ରାଲ ଗଣ୍ଡ (ଗୋଣ୍ଡି), ସେବାଙ୍ଗ ଡ୍ୟାଲ୍‌ସେନ୍ (ଲଦାଖି), ପ୍ରତାପ ତମାଙ୍ଗ (ତମାଙ୍ଗ), ସୁଦର୍ଶନ କୁଆଙ୍ଗ (କୁଆଙ୍ଗ),କାବଲୋ ଲେପ୍‌ଚା (ଲେପ୍‌ଚା), ସ୍ୱର୍ଣ୍ଣଲତା ଆଇନ୍ଦ (ମୁଣ୍ଡାରି), ଲାଲ୍‌ରେନ୍‌ସାଙ୍ଗି ବାଙ୍ଗଥୁ (ମିଜୋ), ଏସ୍ କେ. ବୋରୋ (ବୋଡୋ), ଲିପ୍ସୁ ଶବର (ସୌରା) ଓ ଲାଇଲିନ୍‌ଲୁଇ (କମାର) ପ୍ରମୁଖ ବିଶିଷ୍ଟ କବି ଓ ଲେଖକ ଯୋଗଦେବେ।